# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**8 June - 2024**

**News Editor : Tapan Kumar Maharana**

***********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଭବନରେ ଆସନ୍ତାକାଲି ସନ୍ଧ୍ୟାରେ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ ନରେନ୍ଦ୍ର ମୋଦୀ

— ଏହି ସମାରୋହରେ ଯୋଗଦେବା ପାଇଁ ପଡୋଶୀ ରାଷ୍ଟ୍ରମୁଖ୍ୟମାନଙ୍କର ନୂଆଦିଲ୍ଲୀ ଆଗମନ

- ରାଜ୍ୟରେ ନୂତନ ସରକାର ଶପଥ ଗ୍ରହଣ କାର୍ଯ୍ୟକ୍ରମର ତଦାରଖ ପାଇଁ ଭୁବନେଶ୍ୱରରେ ପହଞ୍ଚିଲେ ବିଜେପିର ଦୁଇ ବରିଷ୍ଠ ନେତା

- ଶ୍ରୀମନ୍ଦିରରେ ଆଲୋକୀକରଣ ବନ୍ଦ ଘଟଣାରେ ୪ ଜଣଙ୍କୁ ପଚରାଉଚରା

ଏବଂ

- ଓଡ଼ିଶା ଛୁଇଁଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ

## ପି.ଏମ୍. - ପ୍ରେସିଡେଣ୍ଟ

ରାଷ୍ଟ୍ରପତି ଭବନରେ ଆସନ୍ତାକାଲି ସନ୍ଧ୍ୟା ୭ଟା ୧୫ ମିନିଟ୍‌ରେ ଅନୁଷ୍ଠିତ ହେବାକୁ ଥିବା ଶପଥ ଗ୍ରହଣ ସମାରୋହ ପାଇଁ ପ୍ରସ୍ତୁତି ଚାଲିଛି। କେନ୍ଦ୍ରରେ ନୂତନ ସରକାର ଗଠନ ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆମନ୍ତ୍ରଣ କରିଛନ୍ତି। ଶପଥଗ୍ରହଣ ସମାରୋହରେ ଶ୍ରୀ ମୋଦୀ ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ନୂତନ ସଦସ୍ୟଗଣଙ୍କୁ ରାଷ୍ଟ୍ରପତି ଶପଥ ପାଠ କରାଇବେ।

ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଗଣମାଧ୍ୟମକୁ କହିଛନ୍ତି, ଏନ୍.ଡି.ଏ. ଏକ ଶକ୍ତିଶାଳୀ, ସ୍ଥିର ଏବଂ ଅଭିବୃଦ୍ଧିମୁଖୀ ସରକାର ଗଠନ କରିବ । ଆସନ୍ତାକାଲି ଶପଥଗ୍ରହଣ ସମାରୋହ ପୂର୍ବରୁ ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ତାଲିକା ରାଷ୍ଟ୍ରପତିଙ୍କୁ ହସ୍ତାନ୍ତର କରାଯିବ ବୋଲି ସେ କହିଛନ୍ତି ।

ଶପଥ ଗ୍ରହଣ ସମାରୋହରେ ଯୋଗଦେବା ପାଇଁ ପଡ଼ୋଶୀ ଦେଶ ନେତାଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି ନେତାମାନେ ନୂଆଦିଲ୍ଲୀରେ ଆସି ପହଁଞ୍ଚୁଛନ୍ତି।

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସନ୍ଧ୍ୟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ୍ କରି ସରକାର ଗଠନ ନେଇ ଦାବି ଉପସ୍ଥାପନ କରିଥିଲେ। ପୂର୍ବରୁ ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନେତୃତ୍ୱରେ ଏନ୍.ଡି.ଏ.ର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କୁ ସାକ୍ଷାତ୍

କରି ଏନ୍.ଡି.ଏ. ସଂସଦୀୟ ଦଳ ବୈଠକରେ ଶ୍ରୀ ମୋଦିଙ୍କୁ ସର୍ବସମ୍ମତିକ୍ରମେ ନେତା ଭାବେ ମନୋନୀତ ସଂକ୍ରାନ୍ତ ଚିଠି ପ୍ରଦାନ କରିଥିଲେ । ଏନ୍.ଡି.ଏ.ର ସହଯୋଗୀ ଦଳଗୁଡ଼ିକର ସମର୍ଥନ ପତ୍ର ମଧ୍ୟ ରାଷ୍ଟ୍ରପତିଙ୍କୁ ହସ୍ତାନ୍ତର କରାଯାଇଥିଲା ।

## ଶପଥଗ୍ରହଣ କାର୍ଯ୍ୟକ୍ରମ ପରିଚାଳନା

ରାଜ୍ୟରେ ନୂଆ ସରକାରଙ୍କ ଶପଥଗ୍ରହଣ କାର୍ଯ୍ୟକ୍ରମ ତଦାରଖ ପାଇଁ ୨ ଜଣ ବିଜେପି ନେତା ଭୁବନେଶ୍ୱରରେ ପହଞ୍ଚିଛନ୍ତି। ମଧ୍ୟପ୍ରଦେଶର ଗ୍ରାମ୍ୟଉନ୍ନୟନ ମନ୍ତ୍ରୀ ବିଶ୍ୱାସ କୈଳାସ ସାରଙ୍ଗ ଏବଂ ମଧ୍ୟପ୍ରଦେଶ ବିଜେପିର ପୂର୍ବତନ ସଂଗଠନ ମନ୍ତ୍ରୀ ଆଶୁତୋଷ ତିୱାରୀ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ଏହି ଦୁଇ ନେତା ଆସନ୍ତା ୧୦ ତାରିଖରେ ହେବାକୁ ଥିବା ଶପଥଗ୍ରହଣ କାର୍ଯ୍ୟକ୍ରମ ପରିଚାଳନା କରିବେ ବୋଲି ଜଣାପଡିଛି।

## ବିଚାରାଧିନ ମାମଲା-କୋର୍ଟ

ବୈଷୟିକ ଜ୍ଞାନ କୌଶଳ ବ୍ୟବହାର ଫଳରେ ରାଜ୍ୟର ବିଭିନ୍ନ କୋର୍ଟରେ ବିଚାରାଧିନ ପୁରୁଣା ମାମଲା ସଂଖ୍ୟା ହ୍ରାସ ପାଉଛି। ବିଭିନ୍ନ ଅଦାଲତରେ ହଜାର ହଜାର ସଂଖ୍ୟାରେ  ୩୦ ବର୍ଷରୁ ଅଧିକ ପୁରୁଣା ମାମଲାଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ବିଚାର କରାଯାଉଛି। ଏବେ ଏହି ସଂଖ୍ୟା ୩ ହଜାର ୩୧୨କୁ ହ୍ରାସ ପାଇଛି। ଏହି ମାମଲାଗୁଡ଼ିକ ମଧ୍ୟରେ ୩ ହଜାର

୧୭ଟି ଫୌଜଦାରୀ ଏବଂ ୨୯୫ଟି ଦେଓ୍ୱାନୀ ମାମଲା ରହିଛି। ନେସନାଲ ଜୁଡିସିଆଲ୍ ଡାଟା ଗ୍ରୀଡ୍‌ରୁ ଏହି ସୂଚନା ମିଳିଛି।

ଏବେ ରାଜ୍ୟର ବିଭିନ୍ନ ଅଦାଲତରେ ୧୬ ଲକ୍ଷ ୨୨ ହଜାର ୫୭୧ଟି ମାମଲା ବିଚାରାଧିନ ରହିଛି। ସେଥିମଧ୍ୟରୁ ୧୩ ଲକ୍ଷରୁ ଅଧିକ ଫୌଜଦାରୀ ଓ ୨ ଲକ୍ଷରୁ ଅଧିକ ଦେଓ୍ୱାନୀ ମାମଲା ରହିଛି।

## ଟୋଲ ଟିକସ

ଦେଶରେ ଜାତୀୟ ରାଜପଥଗୁଡ଼ିକରେ ଯାନବାହାନଗୁଡ଼ିକରୁ ଉପଗ୍ରହ ଭିତ୍ତିକ ଟୋଲ ଟିକସ ସଂଗ୍ରହ କରାଯିବ। ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ବାଣିଜ୍ୟିକ ଯାନଗୁଡ଼ିକ କ୍ଷେତ୍ରରେ ଏହି ବ୍ୟବସ୍ଥା ଲାଗୁ ହେବ। ପରେ ଘରୋଇ କାର୍, ଜିପ୍ ଏବଂ ଅନ୍ୟାନ୍ୟ ଯାନ ପାଇଁ ଏହାକୁ ବ୍ୟବହାର କରାଯିବ। ଆସନ୍ତା ୨ ବର୍ଷ ମଧ୍ୟରେ ସାରା ଦେଶରେ ଟୋଲ ଟିକସ ସଂଗ୍ରହ ପାଇଁ ଗ୍ଲୋବାଲ୍ ନାଭିଗେସନ୍ ସାଟେଲାଇଟ୍ ସିଷ୍ଟମ୍-ଜି.ଏନ୍.ଏସ୍.ଏସ୍ ବ୍ୟବସ୍ଥା ଲାଗୁ ହେବ। ଫଳରେ ଉପଭୋକ୍ତା ଯେତିକି ଦୂର ଅତିକ୍ରମ କରିବେ ସେଥିପାଇଁ ଟୋଲ ଟିକସ ଦେବେ ଏବଂ ଏଥିଲାଗି ରାସ୍ତାରେ ଅଟକିବାକୁ ପଡିବ ନାହିଁ।

## କଇଁଛଙ୍କ ଗଣଅଣ୍ଡାଦାନ

ଗଞ୍ଜାମ ଜିଲ୍ଲାର ଋଷିକୂଲ୍ୟା ମୁହାଣ ଅଂଚଳ ବେଳାଭୂମି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବାରୁ ଆଗାମୀ ଦିନରେ କଇଁଛଙ୍କ ଗଣଅଣ୍ଡାଦାନ ସମୟରେ ଅସୁବିଧା ସୃଷ୍ଟି ହୋଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। କିଛିଦିନ ତଳେ ସାମୁଦ୍ରିକ ଝଡ଼ ରେମାଲ ପ୍ରଭାବରେ ନୂତନ ମୁହାଣ ସୃଷ୍ଟି ହୋଇଥିଲା। ସମୁଦ୍ରର ଉଚ୍ଛଳହଡି ମାଡ ହେବା ଫଳରେ ଋଷିକୂଲ୍ୟା ବେଳାଭୂମିର କଇଁଛଙ୍କ ଅଣ୍ଡାଦାନସ୍ଥଳ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପକ୍ଷରେ ଗଂଜାମ ବ୍ଲକର ଗୋଖରକୁଡାଠାରୁ ପ୍ରୟାଗୀ ମଧ୍ୟରେ ଥିବା ଝାଉଁ ଓ କାଜୁ ଗଛଗୁଡ଼ିକ ନଷ୍ଟ ହୋଇଯାଇଛି। ଆୟାରଲାଣ୍ଡରେ ବର୍ତ୍ତମାନ ୩ଟି ମୁହାଣ ସୃଷ୍ଟି ହୋଇଥିବା ଜଣାପଡିଛି।

## ଶ୍ରୀମନ୍ଦିର ଆଲୋକୀକରଣ

ଶ୍ରୀମନ୍ଦିରରେ ଆଲୋକୀକରଣ ବନ୍ଦ ଘଟଣାରେ ୪ ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ଆଗାମୀ ଦିନରେ ସ୍ଥାୟୀଭାବେ ଯେଭଳି ଆଲୋକୀକରଣ କରାଯାଇପାରିବ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥଶଙ୍କର ସ୍ୱାଇଁ କହିଛନ୍ତି। ସୂଚନାଯୋଗ୍ୟ, ଶ୍ରୀମନ୍ଦିରକୁ ଆଲୋକୀକରଣ କରୁଥିବା ଫୋକସ୍ ଲାଇଟ୍‌କୁ କାଢ଼ି ଦିଆଯିବାପରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ପୁରୀ ଜିଲ୍ଲାପାଳଙ୍କୁ ଘଟଣାର ଅନୁସନ୍ଧାନ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଘଟଣାରେ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ଇଭେଣ୍ଟ

କମ୍ପାନୀ ୨ ଦିନ ତଳେ ଲାଇଟ୍ ଖୋଲିନେଇଥିବା ଜଣାପଡିଥିଲା। ଏହାକୁ ଭିତ୍ତିକରି ସମ୍ପୃକ୍ତ ଇଭେଣ୍ଟ କମ୍ପାନୀର ୪ ଜଣଙ୍କୁ ଅଟକ ରଖାଯାଇଛି। ଏହାଛଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଲାଇଟ୍ ଲଗାଇବା ନେଇ ବ୍ୟବସ୍ଥା କରାଯାଉଛି।

## ଶୀତଳଷଷ୍ଠୀ

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ ହୋଇଯାଇଛି। ନନ୍ଦପଡ଼ାର ବମ୍‌ବରାଡ ବାଲୁଙ୍କେଶ୍ୱର ବାବାଙ୍କର ଦେବ ନିମନ୍ତ୍ରଣ ଗତକାଲି ସମ୍ପନ୍ନ ହୋଇଛି। ମହାଦେବ ଏବଂ ଜଗତ୍‌ଜନନୀଙ୍କ ବିବାହରେ ସାମିଲ ହେବା ପାଇଁ ଶ୍ରୀଶ୍ରୀ ନୃସିଂହଠାକୁର ୩୩ କୋଟି ଦେବଦେବୀଙ୍କୁ ନିମନ୍ତ୍ରଣ କରିଛନ୍ତି। ବାବା ବାଲୁଙ୍କେଶ୍ୱରଙ୍କ ପକ୍ଷରୁ ନୃସିଂହଦେବ ସହରରେ ଥିବା ସମସ୍ତ ଦେବାଦେବୀ ମନ୍ଦିରକୁ ଯାଇ ଗୁଆ, ମିଠେଇ, ହଳଦୀ ଓ ନିମନ୍ତ୍ରଣପତ୍ର ଦେଇଥିଲେ। ବାଲୁଙ୍କେଶ୍ୱର ବାବାଙ୍କ ବରଯାତ୍ରୀରେ ସାମିଲ ହେବାଠାରୁ ଆରମ୍ଭ କରି ନଗର ପରିକ୍ରମା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ନବ ବିବାହିତ ଦେବ ଦମ୍ପତ୍ତିଙ୍କୁ ଆଶୀର୍ବାଦ କରିବା ପାଇଁ ଭଗବାନ ନୃସିଂହ ଦେବଦେବୀଙ୍କୁ ନିମନ୍ତ୍ରଣ କରିଛନ୍ତି। ଲୋକନାଥ ବାବା, ଜାଗେଶ୍ୱର ବାବା, ଶୀତଳେଶ୍ୱର ବାବା ଓଁକାରେଶ୍ୱର ବାବା, ପାହାଡେଶ୍ୱର ବାବାଙ୍କ ପତରପେଣ୍ଡି କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହେବ। ମୋଦୀପଡା ଓ ଝାଡୁଆପଡାରେ ୯ ତାରିଖ ଦିନ ଦେବ ନିମନ୍ତ୍ରଣ କରାଯିବା ନେଇ

କାର୍ଯ୍ୟସୂଚୀ ଧାର୍ଯ୍ୟ କରାଯାଇଛି। ଚଳିତମାସ ୧୦ ତାରିଖ ଦିନ ଶୀତଳଷଷ୍ଠୀ ଯାତ୍ରାର ମୁଖ୍ୟ ଆକର୍ଷଣ ଶିବ ବିବାହ, ୧୧ ତାରିଖ ଦିନ ନଗର ପରିକ୍ରମା ଏବଂ ୧୨ ତାରିଖ ଦିନ ଦେବ ଦମ୍ପତ୍ତିକଙ୍କର ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି।

## ହାତୀଗଣନା

ଆଠଗଡ଼ ବନଖଣ୍ଡ ଅନ୍ତର୍ଗତ ୫ଟି ବନାଞ୍ଚଳରେ ୧୭୮ଟି ହାତୀ ଅଛନ୍ତି। ଗତମାସରେ ହୋଇଥିବା ହାତୀଗଣନା ପରେ ଏହା ଜଣାପଡିଛି। ୨୦୧୭ ମସିହା ଗଣନା ଅନୁଯାୟୀ, ଆଠଗଡ଼ ବନଖଣ୍ଡରେ ୧୧୫ଟି ହାତୀ ଥିଲେ। ଗତ ୭ ବର୍ଷ ମଧ୍ୟରେ ହାତୀ ସଂଖ୍ୟା ୭୩ଟି ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୩୭ଟି ପୁରୁଷ ଓ ୪୯ଟି ଛୁଆ ହାତୀ ରହିଥିବା ଜଣାପଡିଛି। ବନବିଭାଗ ରିପୋର୍ଟ ଅନୁଯାୟୀ, ନରସିଂହପୁର ପୂର୍ବ ବନାଞ୍ଚଳରେ ୮୧ଟି ଓ ପଶ୍ଚିମ ବନାଞ୍ଚଳରେ ୨୯ଟି ବଡମ୍ବା ବନାଞ୍ଚଳରେ ୪୯ଟି, ଆଠଗଡ଼ ବନାଞ୍ଚଳରେ ୮ଟି ଏବଂ ଖୁଣ୍ଟୁଣି ବନାଞ୍ଚଳରେ ୧୧ଟି ହାତୀ ଠାବ କରାଯାଇଛି।

## ରଥଯାତ୍ରା-ବୈଠକ

ଆଠଗଡ଼ ପ୍ରଶାସନ ପକ୍ଷରୁ ଆଗାମୀ ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୮ ତାରିଖରୁ ରଥନିର୍ମାଣ କାର୍ଯ୍ୟ

ଆରମ୍ଭ କରିବା ଲାଗି ନିଷ୍ପତ୍ତି ହୋଇଛି । ଏଥିସହ ଜୁନ୍ ମାସ ୨୨ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା ସହିତ ହେରାପଞ୍ଚମୀ, ବାହୁଡାଯାତ୍ରା, ସୁନାବେଶ ଓ ନିଳାଦ୍ରୀ ବିଜେ ଯେଭଳି ସୁରୁଖୁରୁରେ ପାଳନ ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା ।

## ରଥନିର୍ମାଣ-ସେବକ ଆହତ

ପୁରୀ ଶ୍ରୀମନ୍ଦିର ରଥଖଳାରେ ରଥନିର୍ମାଣ ସମୟରେ ନନ୍ଦୀଘୋଷ ରଥର ଜଣେ ମହାରଣା ସେବକ ଆହତ ହୋଇଛନ୍ତି । ତାଙ୍କ ଗୋଡ ଉପରେ ଏକ ଗରଗରା କାଠ ପଡିଯିବାରୁ ଏଭଳି ଘଟିଛି । ଗୋଡ ଆଙ୍ଗୁଠିରେ ଆଘାତ ଲାଗିଥିବାରୁ ତୁରନ୍ତ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଛି । ସୂଚନାଯୋଗ୍ୟ, ମହାପ୍ରଭୁଙ୍କ ରଥନିର୍ମାଣ କାର୍ଯ୍ୟ ଆଜିକୁ ୨୯ ଦିନରେ ପହଞ୍ଚିଛି ।

## ନିଖୋଜ ଡାକ୍ତର ମିଳିଲେ

ମାଲକାନଗିରି ଜିଲ୍ଲା କାଲିମେଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ନିଖୋଜ ଡାକ୍ତର ଅମ୍ଳାନ ଭୋଇଙ୍କୁ ପୁଲିସ୍ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି । ଗତ ୧ ତାରିଖରୁ ନିଖୋଜ ଥିବା ସମ୍ପୃକ୍ତ ଡାକ୍ତରଙ୍କୁ ପୁଲିସ୍ କର୍ଣ୍ଣାଟକରେ ଠାବ କରିବା ପରେ ଓଡ଼ିଶା ଆଣିଥିଲା । ଅନ୍ୟପକ୍ଷରେ ସମ୍ପୃକ୍ତ ଡାକ୍ତରଙ୍କୁ କେହି ଅପହରଣ କରିନଥିବା ଏବଂ ଏଥିରେ କୌଣସି ମାଓବାଦୀଙ୍କ ସମ୍ପୃକ୍ତି ନ ଥିବା ମାଲକାନଗିରି ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ କହିଛନ୍ତି ।

## ପାଚେରୀ ଭୁଶୁଡିବା

ପ୍ରବଳ ବର୍ଷା ଓ ପବନରେ ମାଲକାନଗିରି ବିମାନବନ୍ଦରର ପାଚେରୀ ଭୁଶୁଡି ପଡିଛି । ବର୍ଷାଯୋଗୁଁ ବିମାନବନ୍ଦରର ଅଲଗା ଅଲଗା ସ୍ଥାନରେ ୬୦ ମିଟର ଲମ୍ବର ପାଚେରୀ ଭୁଶୁଡି ପଡିଛି । ବର୍ଷାଜଳ ନିଷ୍କାସନ ପାଇଁ ପାଚେରୀ ମଧ୍ୟରେ ବାଟ ରଖାଯାଇଥିଲେ ମଧ୍ୟ ଅଧିକ ଜଳ ପ୍ରବାହିତ ହେବାରୁ ପାଚେରୀ ଭାଙ୍ଗିଥିବା ଜଣାପଡିଛି ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ, ସ୍ୱାଭାବିକ ସମୟର ୪ ଦନ ପୂର୍ବରୁ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିଛି । ଏହାର ପ୍ରଭାବରେ ମାଲକାନଗିରିର ଅନେକ ଅଂଚଳରେ ବର୍ଷା ହେଉଥିବା ବିଭାଗ କହିଛି । ସୂଚନା ଅନୁଯାୟୀ, ମୌସୁମୀ ବାୟୁ ଦକ୍ଷିଣ ମହାରାଷ୍ଟ୍ର, ତେଲେଙ୍ଗାନା, ଛତିଶଗଡ଼, ଦକ୍ଷିଣ ଓଡ଼ିଶାର କେତେକ ଅଞ୍ଚଳରେ ପ୍ରବେଶ କରିଛି ।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବରଗଡ଼ ବଲାଙ୍ଗିର ଏବଂ ନୂଆପଡା ଜିଲ୍ଲାକୁ ଗ୍ରୀଷ୍ମପ୍ରବାହ ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁଯାୟୀ, ଅପରାହ୍ଣରେ କେତେକ ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି । ସେହି ଜିଲ୍ଲାଗୁଡ଼ିକ ହେଉଛି । ମାଲକାନଗିରି, କୋରାପୁଟ, ରାୟଗଡ଼ା,

ନବରଙ୍ଗପୁର, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ ଏବଂ ଢେଙ୍କାନାଳ। କାଳବୈଶାଖୀ ସମୟରେ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଯାଇଛି। ଯାଜପୁର ଜିଲ୍ଲାର ଦାନଗଦିରେ ସର୍ବାଧିକ ୮୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

**********************************